# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୨.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ,
୩. ଶ୍ରୀ ଶିବ ପ୍ରସାଦ ବେହେରା

ଅଦ୍ୟ ତା ୧୨.୦୮.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ପୁରୁଣା ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ହାଟ ପାର୍ଶ୍ୱ ଶୌଚାଳୟ ଠାରୁ B.M High School ପର୍ଯ୍ୟନ୍ତ ଓ କୋରାପୁଟ ଭବନ ଠାରୁ ଉତରେଶ୍ୱର ପର୍ଯ୍ୟନ୍ତ ସ୍ଥାନରେ ବହୁ ଗାଡ଼ି ରହୁଅଛି, ଏହାକୁ ପାର୍କିଙ୍ଗ୍ ସ୍ଥାନ ଘୋଷଣା କରି ପାର୍କିଙ୍ଗ୍ ଫି ଆଦାୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ସହିଦନଗରର ଏନ୍.ଏଚ୍ ପାର୍ଶ୍ୱରେ ବି.ଏମ୍.ସି ର ପର୍ଯ୍ୟାପ୍ତ ଜାଗା ରହିଅଛି । ବି.ଏମ୍.ସି ଏଠାରେ ଡ଼େଭେଲପମେଂଟ କାର୍ଯ୍ୟ ମଧ୍ୟ କରିଅଛି । ସେହି ସ୍ଥାନରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ଅବ୍ୟବସ୍ଥିତ ଭାବରେ ରହିଥିବାରୁ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ସେହି ସ୍ଥାନକୁ ପାର୍କିଙ୍ଗ୍ ସ୍ଥାନ ଘୋଷଣା କରାଯାଇ ସେଠାରୁ ପାର୍କିଙ୍ଗ୍ ଫି ଆଦାୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୧୧.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ

## <u>କମିଟି ବୈଠକ ବିବରଣୀ</u>

ତା ୧୨.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୫.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୩. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୧୨.୦୮.୨୦୨୬ ରିଖ ଅପରାହ୍ନ ଘ.୫.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ସଫେଇ ଠିକାଦାର ''ଆୱାର ଲ୍ୟାଣ୍ଡ'' ସଠିକ୍ ଭାବରେ ସଫେଇ କାର୍ଯ୍ୟ କରୁ ନଥିବାରୁ ତାଙ୍କର ପ୍ରାୟ ୧୭ ଲକ୍ଷ ଟଙ୍କା ଫାଇନ୍ ଆଦାୟ ହୋଇଅଛି । ଉକ୍ତ ସଂସ୍ଥାର ପ୍ରତିନିଧି କହିଥିଲେ ଯେ ଆବଶ୍ୟକ ସଂଖ୍ୟକ ଗାଡି ନଥିବାରୁ ସଫେଇ କାର୍ଯ୍ୟ ହୋଇପାରୁନାହିଁ । ତେଣୁ ପ୍ରତି ୱାର୍ଡ଼କୁ ଦୁଇ ଗୋଟି ଲେଖାଏଁ ମୋଟ ୪୦ ଗୋଟି ଗାଡି ମାସକ ପାଇଁ ବି.ଏମ.ସି. ପକ୍ଷରୁ ଯୋଗାଇଦେବା ପାଇଁ ଏବଂ ସେଂଟ୍ରାଲ୍ ଗାଡି ଗୁଡିକ ପ୍ରତ୍ୟାହାର କରିବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ରାସ୍ତାରେ କମ୍ ପାୱାର ଲାଇଟ୍ ଲାଗୁଥିବାରୁ ଲାଇଟ୍ ଦେଖାଯାଉନାହିଁ । ତେଣୁ, ଅଧିକ ପାୱାରର ଲାଇଟ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜନସାଧାରଣଙ୍କ ଉତମ ସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ୧୯ ଗୋଟି Wellness Centre ସ୍ଥାପନ କରିଥିଲେ । ସେଠାରେ ରୋଗୀମାନଙ୍କ ମଳ, ମୂତ୍ର ଇତ୍ୟାଦି ଲ୍ୟାବୋଟୋରି ଟେଷ୍ଟ ହେଉଥିଲା । ରାଜ୍ୟ ସରକାରଙ୍କର Labotory Technician ମାନଙ୍କୁ ବାହାର କରିଦେବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ରୋଗୀମାନଙ୍କ ମଳ, ମୂତ୍ର ଇତ୍ୟାଦି ପରିକ୍ଷାପାଇଁ ଅବଶ୍ୟକ ଯନ୍ତ୍ର ପାତି ଉକ୍ତ Wellness Centre ରେ ଥିବାରୁ ବି.ଏମ.ସି. ଅର୍ଥରେ ନିଗମ ତରଫରୁ Labotory Technician ନିଯୁକ୍ତି କରି ରୋଗୀକୁ ସେବା ଯୋଗାଇଦେବା ନିମନ୍ତେ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ପ୍ରତ୍ୟୁଷ ସଂସ୍ଥାର ତା ୦୩-୦୧-୨୦୨୩ ରିଖ ଚୁକ୍ତି ଅନୁସାରେ ଏକ ଜଣ ECG Technician ନିଯୁକ୍ତି ହୋଇଥିଲା । ସେତେବେଳେ କେବଳ ସକାଳବେଳା ECG କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ 24x7 ECG ସେବା ଯୋଗାଇଦେବା ନିମନ୍ତେ ଅଧିକ ECG Technician ନିଯୁକ୍ତି ନିମନ୍ତେ ଅନୁରୋଧ କରାଯାଇଥିଲା ଯାହା ଫଳରେ ଭୁବନେଶ୍ୱର ମହାନଗର ନିଗମ ନିର୍ଦ୍ଧାରଣ ସଂଖ୍ୟା ୭(୮) ତା- ୨୮-୦୧-୧୦୨୫ ରେ ୪ ଜଣ ECG Technician ଓ ୩ ଜଣ DEO ଆଉଟ ସୋର୍ସିଙ୍ଗ ସଂସ୍ଥା ମାଧ୍ୟମରେ ରଖାଯିବ ପାଇଁ ଅନୁମୋଦନ ହୋଇଥିଲା । ଯେହେତୁ ଆଗରୁ ଏକ ଜଣ ECG Technician ଥିଲେ ସେଥିପାଇଁ ୩ ଜଣ ECG Technician ଓ ୩ ଜଣ DEO ନିଯୁକ୍ତି ଦେବାପାଇଁ ପ୍ରତ୍ୟୁଷ ସଂସ୍ଥାକୁ ଜଣେଇଦିଆଯାଇଥିଲା । ଯାହା ଫଳରେ ପ୍ରତ୍ୟୁଷ ସଂସ୍ଥା ଦ୍ୱାରା ୩ ଜଣ ECG Technician ଓ ୩ ଜଣ DEO ନିଯୁକ୍ତି ହୋଇଥିଲେ । ବର୍ତ୍ତମାନ କାର୍ଯ୍ୟର ଆବଶ୍ୟକତା ଦୃଷ୍ଟିରୁ ଆଉ ଏକ ଜଣ DEO ନିଯୁକ୍ତି କରାଯିବାପାଇଁ ଆବଶ୍ୟକ ପଡୁଛି । ତେଣୁ ଅନୁମୋଦନ କରାଯାଇଥିବା ୪ ଜଣ ECG Technician ମଧ୍ୟରୁ ଖାଲି ଥିବା ଏକ ଜଣ ECG Technician ଙ୍କ ପରିବର୍ତ୍ତେ ଏକ ଜଣ DEO ନିଯୁକ୍ତି କରାଗଲେ ଡାକ୍ତରଖାନାର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇପାରିବ । ତେଣୁ ବର୍ତ୍ତମାନ ମାନବସମ୍ବଳ ଯୋଗାଉଥିବା ସଂସ୍ଥା ମାଧ୍ୟମରେ ଆଉ ଏକ ଜଣ DEO ନିଯୁକ୍ତି ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଗଡ଼କଣା TTS ରେ Municipal Solid Waste ପ୍ରକ୍ରିୟାକରଣରୁ ନିରନ୍ତର ଭାବେ RDF ଉତ୍ପାଦନ ହେଉଥିବାରୁ, ଏହାର ସମୟୋଚିତ ଉଠାଣ, ପରିବହନ ଓ ବୈଜ୍ଞାନିକ ନିଷ୍ପତ୍ତି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ, M/s Dalmia Cement (Bharat) Ltd., Rajgangpur ପୂର୍ବରୁ ପ୍ରାୟ 30,000 MT RDF ଉଠାଣ, ପରିବହନ ଓ cement plant ରେ co-processing ମାଧ୍ୟମରେ ବୈଜ୍ଞାନିକ ନିଷ୍ପତ୍ତି କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଛନ୍ତି।

Housing & Urban Development Department ଙ୍କ SOP 2.0 for Wealth Centres, ପୂର୍ବତନ Letter of Award, ସଂସ୍ଥାର କାର୍ଯ୍ୟଦକ୍ଷତା ଏବଂ rate reasonability କୁ ବିଚାର କରି, TTS, Gadakana ରୁ 30,000 MT RDF ଉଠାଣ, ପରିବହନ ଓ Rajgangpur ସ୍ଥିତ cement plant ରେ co-processing ମାଧ୍ୟମରେ ବୈଜ୍ଞାନିକ ନିଷ୍ପତ୍ତି ପାଇଁ 03 (ତିନି) ମାସ ଅବଧିରେ Rs.1,180/- ପ୍ରତି MT (loading ଓ transportation ସମେତ) ହାରରେ M/s Dalmia Cement (Bharat) Ltd. କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ISBT, ବରମୁଣ୍ଡା ସଂଲଗ୍ନ Ideal Bus Stand ଠାରେ ୨୪ ଘଣ୍ଟିଆ ସ୍ୱଚ୍ଛତା ସେବା ଯୋଗାଇବା ପାଇଁ ଏକ ଯୋଗ୍ୟ Agency/NGO ଚୟନ ନିମନ୍ତେ Draft RFP ପ୍ରସ୍ତୁତ କରାଯାଇଛି। RFP ରେ ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ, ମୂଲ୍ୟାୟନ ପ୍ରଣାଳୀ ଓ ଚୁକ୍ତି ସର୍ତ୍ତାବଳୀ ରଖାଯାଇଛି। ଉକ୍ତ କାର୍ଯ୍ୟର ସମସ୍ତ ଖର୍ଚ୍ଚ Bhubaneswar Development Authority (BDA) ବହନ କରିବେ । ଉକ୍ତ RFP ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା Aspirational Toilet Complex ଗୁଡିକର O&M ଦୈନିକ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ, BMC ଓ M/s SISSO ମଧ୍ୟରେ ହେଉଥିବା **ଚୁକ୍ତି ନାମାର ଅବଧି,** Aspirational Toilet Complex **ର କାର୍ଯ୍ୟ ଶେଷ ତାରିଖ ଠାରୁ ୫ ବର୍ଷ ପର୍ଯନ୍ତ ଏବଂ ସନ୍ତୋଷ ଜନକ କାର୍ଯ୍ୟ ଦକ୍ଷତା ପରେ ପୁନଃ ୫ ବର୍ଷ ଚୁକ୍ତି ନାମା ର ସମୟ ସୀମା ବର୍ଦ୍ଧିତ କରିବା ପାଇଁ** ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). **ଲିଙ୍ଗରାଜ ମନ୍ଦିର ସାମ୍ନାରେ OBCC ଦ୍ୱାରା ନିର୍ମାଣ ହୋଇଥିବା ନୂତନ Public Toilet** ର O&M (ଦୈନିକ ସକାଳ ୫.୦୦ AM ଠାରୁ ରାତ୍ର ୧୦.୦୦ PM ପର୍ଯନ୍ତ) **M/s SAHA** ମାସିକ ୫୨,୭୬୩ ଟଙ୍କାରେ ୨ ମାସ କରିବା ପାଇଁ ତା- ୦୮.୦୪.୨୦୨୬ ରିଖ ଅନୁଷ୍ଠିତ ହୋଇଥିବା Standing Committee Sanitation ନିର୍ଦ୍ଧାରଣ ୩.(୬) ରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଯାଇଥିଲା ଯାହାର ଅବଧି **ତା ୨୫.୩.୨୦୨୬ ରିଖ ଠାରୁ ତା ୨୪.୫.୨୦୨୬ ରିଖରେ ଶେଷ ହୋଇଯାଇଅଛି** | କିନ୍ତୁ M/s SAHA ବର୍ତ୍ତମାନ ମଧ ଏହି Public Toilet ର ଦୈନନ୍ଦିନ O&M କାର୍ଯ୍ୟ ଚାଲୁ ରଖିଅଛି । ତାଙ୍କର କାର୍ଯ୍ୟ ତା ୩୧.୦୮.୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ତା ୦୧.୦୯.୨୦୨୬ ରିଖ ଠାରୁ ସୁଲଭ ଇଂଟର୍ ନ୍ୟାସ୍‌ନାଲ୍ ସଂସ୍ଥା ଦ୍ୱାରା ପରିଚାଳନା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). **ପ୍ରଭାତ କୁମାର ମିଶ୍ର ଏବଂ ସନ୍ତୋଷ କୁମାର ସାମଲ** ବର୍ତ୍ତମାନ BMC ର C & Enforcement Squad ରେ Authorized Officer ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ନିଜ ଦାୟିତ୍ୱ ନିଷ୍ଠାର ସହିତ ସମ୍ପାଦନ କରୁଥିବାରୁ ସେମାନଙ୍କର ବେତନ ସାଇନ୍ ଟିମ୍ ଲିଡ଼ର୍ ଙ୍କ ଦରମା ସହିତ ସମାନ ହାରରେ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୬.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୧୨.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୧.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୩.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତି ସାହୁ,
୪. ଶ୍ରୀ ସନ୍ତୋଷ କୁମାର ସିଂହ,
୫. ସେକ୍ ନୁରହାସନ୍

ଅଦ୍ୟ ତା ୧୧.୦୮.୨୦୨୬ ରିଖ ଅପରାହ୍ନ ଘ.୦୩.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୨୦୨୬-୨୭ ଆର୍ଥିକ ବର୍ଷରେ ଅନୁମୋଦନ ହୋଇଥିବା ବାର୍ଷିକ କାର୍ଯ୍ୟ ଯୋଜନା ଅନୁମୋଦନ ହୋଇଅଛି । ତଦ୍ ଅନୁଯାୟୀ ଡ୍ରେନ୍, ରାସ୍ତା, ବିଲ୍ଡିଙ୍ଗ୍ ଇତ୍ୟାଦିର ଅଟକଳ ପ୍ରସ୍ତୁତ କରି ଉକ୍ତ କମିଟିରେ ଉପସ୍ଥାପନ କରିବା ପରେ ଟେଣ୍ଡର ଆହ୍ୱାନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପୁନଃଉଦ୍ଧାର ହୋଇଥିବା ପୋଖରୀ ଗୁଡ଼ିକ ନିଲାମ ତିନି ବର୍ଷ ପାଇଁ କରାଯିବ । ପ୍ରତ୍ୟେକ ପୋଖରୀର ଏକରକୁ ବର୍ଷକୁ ଟ ୪୦,୦୦୦/-ଙ୍କା ମାତ୍ର up set price ଧାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୧୧.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୧.୦୮.୨୦୨୬ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ପିଙ୍କି ସ୍ୱାଇଁ,
୨. ନମିତା ମହାପାତ୍ର,
୩. ଶ୍ରୀ ବିପ୍ଳବ ବେହେରା,
୪. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୧.୦୮.୨୦୨୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ଅନୁପସ୍ଥିତ ଥିବାରୁ ସଭ୍ୟା ଶ୍ରୀମତୀ ପିଙ୍କି ସ୍ୱାଇଁଙ୍କ ପ୍ରସ୍ତାବ-ତଥା-ସଭ୍ୟ ଶ୍ରୀ ବିପ୍ଳବ ବେହେରାଙ୍କ ସମର୍ଥନ କ୍ରମେ ସଭ୍ୟା ନିମତା ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ଏରିଆ, ଜନସଂଖ୍ୟା ବୃଦ୍ଧି ଏବଂ ଭବିଷ୍ୟତରେ ନୂତନ ଏରିଆ ମିଶ୍ରଣ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ନାଳର ମାଷ୍ଟର ପ୍ଲାନ୍‌ରେ ନାଳର ପ୍ରସ୍ଥ ଯଥେଷ୍ଟ ଅଧିକ ରଖିବା ପାଇଁ ପ୍ଲାନ୍ ପ୍ରସ୍ତୁତକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବ୍ୟବସାୟିକ ଗୃହ ଗୁଡ଼ିକୁ ସିଜ୍ କରିବା ପାଇଁ ନୋଟିସ୍ ଦିଆଯାଇଥିବାରୁ ଜନ ଅସନ୍ତୋଷ ଦେଖାଯାଉଅଛି, ତେଣୁ ଏହାକୁ ପୁନଃ ତର୍ଜମା କରି ଲୋକମାନଙ୍କ ଘର ଗୁଡ଼ିକ କିପରି ନିୟମିତକରଣ କରାଯାଇପାରିବ ଲୋକମାନେ ଅସୁବିଧାର ସମ୍ମୁଖୀନ ନହେବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ନମିତା ମହାପାତ୍ର
ସଭାପତି
ତା ୧୧.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୭.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୩.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୂଜା ମହାରଣା,
୩. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୪. ଶ୍ରୀମତୀ ସୁଜାତା ଛୋଟରାୟ,
୫. ଶ୍ରୀମତୀ ଝରଣାରାଣୀ ପତି,
୬. ଶ୍ରୀମତୀ ପୁଷ୍ପା ରାଉତ

ଅଦ୍ୟ ତା ୦୭.୦୮.୨୦୨୬ ରିଖ ଅପରାହ୍ନ ଘ.୦୩.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ଯେଉଁ ପାର୍କିଙ୍ଗ୍ ସ୍ଥାନ ଗୁଡ଼ିକ ନିଲାମ ଯାଇନାହିଁ, ସେଗୁଡ଼ିକୁ ବର୍ତ୍ତମାନ up set price ରେ ଟେଣ୍ଡର ଫାଇନାଲ୍ ହେବା ପର୍ଯ୍ୟନ୍ତ ଚାଲୁରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବ୍ୟକ୍ତିଗତ ଜାଗା, ଘର ଇତ୍ୟାଦିରେ ଯେଉଁ ବିଜ୍ଞାପନଫଳକ ଲଗାଉଛନ୍ତି ସେଥିପାଇଁ ଏକ **SOP** ପ୍ରସ୍ତୁତ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୦୭.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୬.୦୮.୨୦୨୬ ରିଖ

ସମୟ-ଅପରାହ୍ଣ ଘ.୫.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାରପରସନ୍,
୨. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୩. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୦୬.୦୮.୨୦୨୬ ରିଖ ଅପରାହ୍ଣ ଘ.୫.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଚଳିତ ବର୍ଷାଋତୁରେ ପ୍ରବଳ ବର୍ଷା ଯୋଗୁଁ ବହୁ ରାସ୍ତା ଖୋଳି ହୋଇଯାଇଅଛି, ସେଥିପାଇଁ ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅଭିଯୋଗ କରୁଛନ୍ତି, ତେଣୁ ଉକ୍ତ ରାସ୍ତା ଗୁଡ଼ିକର ଖାଲଖମା ମରାମତି କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ନାଳ ଉପରେ ପଡ଼ିଥିବା କେତେକ ସ୍ଲାବ୍ ଭାଙ୍ଗି ଯାଇଅଛି, ଜନସାଧାରଣ ଡ୍ରେନ୍‌ରେ ପଡ଼ିଯିବାର ସମ୍ଭାବନା ଥିବାରୁ ଜନସାଧାରଣ ଅଭିଯୋଗ କରୁଛନ୍ତି, ତେଣୁ ସେଠାରେ ସ୍ଲାବ୍ ପକାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ଘ. ୬.୧୩ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୦୬.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୦୬.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ସକିବା ମୁଶରତ୍,
୩. ଶ୍ରୀମତୀ ସ୍ମୃତିଶିଖା ବରିସଲ
୪. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୦୬.୦୮.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ ନଂ-୪୨ ରେ ଗୋପବନ୍ଧୁ ଲେପ୍ରସି କଲୋନୀ ନିର୍ମାଣ ହେବାକୁ ଯାଉଅଛି । ସେଠାରେ କେତେ ଜଣ ହିତାଧିକାରୀ ରହିଛନ୍ତି, ସେଥି ମଧ୍ୟରୁ କେତେ ଲେପ୍ରସୀ ରୋଗୀ ଓ କେତେ ଭଲ ଲୋକ ଅଛନ୍ତି, ସେମାନଙ୍କ ପାଇଁ କେତେ ଗୃହ ନିର୍ମାଣ ହେଉଅଛି, ପ୍ରସ୍ତାବିତ ଗୃହର ଡ଼ିଜାଇନ୍ ନକ୍ସା ଓ ଅଟକଳ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପାଇବା ପାଇଁ ନିୟମ ଅନୁସାରେ କେତେକ ବ୍ୟକ୍ତି ନିଗମରେ ଅର୍ଥ ପଇଠ କରିଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଏଲ୍.ଆର୍.ସି ପାଇନାହାଁନ୍ତି, ସେମାନଙ୍କୁ ତାଙ୍କର ଅର୍ଥ ଫେରାଇବା ପାଇଁ ନିଷ୍ପତି ହୋଇଥିଲା । ନିଷ୍ପତି ଅନୁଯାୟୀ କେତେ ଜଣଙ୍କୁ ତାଙ୍କର ଅର୍ଥ ଫେରସ୍ତ ହୋଇଅଛି, ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୦୬.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୧.୦୮.୨୦୨୬ ରିଖ

ସମୟ-ଅପରାହ୍ଣ ଘ.୪.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାରମ୍ୟାନ୍,
୨. ଶ୍ରୀ ମିହିର କୁମାର ରାଉତ,
୩. ମୋନାଲିସା ବେହେରା,
୪. ଶ୍ରୀ ଲାଲମୋହନ ଟୁଡୁ

ଅଦ୍ୟ ତା ୧୧.୦୮.୨୦୨୬ ରିଖ ଅପରାହ୍ଣ ଘ.୪.୩୦ ମିନିଟ୍ ସମୟରେ **BMC-ICOMC** ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୱାର୍ଡ଼ ନଂ-୪୮ ରେ ଥିବା OUAT ପାର୍କ ଏବଂ OWPO ପାର୍କର ରକ୍ଷଣାବେକ୍ଷଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ନଗର ଶିକ୍ଷା ଅଧିକାରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି ତାଙ୍କ ପାଇଁ ବସିବା ନିମନ୍ତେ କୋଠରୀ ବ୍ୟବସ୍ଥା କରିବା ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୬.୦୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୧.୦୮.୨୦୨୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## <u>କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ</u>

ତା ୦୭.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର
୩. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା ୦୭.୦୮.୨୦୨୬ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଶ୍ରୀ ମୁକୁନ୍ଦ ବେହେରା, ସି.ଏଲ୍.ଆର୍ ଭୁବନେଶ୍ୱର ମହାନଗର ନିଗମରେ ଗାଡ଼ିଚାଳକ ଭାବେ ୨୦୧୩ ମସିହାରୁ କାର୍ଯ୍ୟ କରୁଛନ୍ତି, ଏବେ ସେ ନିଗମର ମହାଯାତ୍ରା ଗାଡ଼ି ଚଲାଉଥିଲେ ମଧ୍ୟ un skilled ମଜୁରୀ ପାଉଥିବାରୁ ବିଭିନ୍ନ ସମୟରେ skilled ମଜୁରୀ ପାଇବା ପାଇଁ ଆବେଦନ କରିଆସୁଛନ୍ତି ଏବଂ ଏଥି ସହିତ ତାଙ୍କର ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏବଂ ଗାଡ଼ି ଚଲାଇବା ପାଇଁ କାର୍ଯ୍ୟାଳୟରୁ ବିଭିନ୍ନ ସମୟରେ ହୋଇଥିବା ଆଦେଶ କପି ମଧ୍ୟ ଦାଖଲ କରିଛନ୍ତି । ଯାନ ଉପବିଭାଗ ମଧ୍ୟ ଜଣାଇଅଛନ୍ତି ଯେ, ଶ୍ରୀ ମୁକୁନ୍ଦ ବେହେରା ମହାଯାତ୍ରା ଗାଡ଼ିରେ ଗାଡ଼ିଚାଳକ ଭାବେ କାର୍ଯ୍ୟ କରୁଅଛନ୍ତି । ନଥି ନଂ-XXI DLR-617/2021 ଟିପ୍ପଣୀ-୧ ରୁ ୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ମୁକୁନ୍ଦ ବେହେରା, ସି.ଏଲ୍.ଆର୍ ଡ୍ରାଇଭର କାର୍ଯ୍ୟ କରୁଥିବାରୁ ରାଜ୍ୟ ସରକାରଙ୍କ Labours and ESI ବିଭାଗଙ୍କ ବିଜ୍ଞପ୍ତି ଅନୁଯାୟୀ ଆଦେଶ ହେବା ଦିନଠାରୁ ତାଙ୍କୁ କୁଶଳୀ ଶ୍ରେଣୀଭୁକ୍ତ ଦୈନିକ ମଜୁରୀ ପ୍ରଦାନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ କର୍ପୋରେସନଙ୍କ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. **ନଥି ସଂଖ୍ୟା XXIII (misc.)– 31/2024(OSWAS File no.-28/2025) ଅନୁସାରେ ବର୍ଣ୍ଣିତ ଟିପ୍ପଣୀ ପୃଷ୍ଠା- 41 ରୁ 42 ମଧ୍ୟରେ ତଥ୍ୟ ଅନୁସାରେ ଓଡିଶା ପୌର ନିଗମ ଆଇନ-୨୦୦୩ ଧାରା ୩୦ ଆଧାରରେ ଅତିରିକ୍ତ ଆୟୁକ୍ତଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇପାରେ ।**

**ଏହି ଆଧାରରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୬୮୨୧ ତା ୨୦.୦୭.୨୦୨୬ ରିଖ ରେ ଅତିରିକ୍ତ ଆୟୁକ୍ତ-୧ ଙ୍କୁ, କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୬୮୧୮ ତା ୨୦.୦୭.୨୦୨୬ ରିଖ ରେ ଅତିରିକ୍ତ ଆୟୁକ୍ତ-୨ ଙ୍କୁ, କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୬୮୧୫ ତା ୨୦.୦୭.୨୦୨୬ ରିଖ ରେ ଅତିରିକ୍ତ ଆୟୁକ୍ତ-୩ ଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-**

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ କର୍ପୋରେସନଙ୍କ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. **ନଥି ସଂଖ୍ୟା XXIII (misc.)– 03/2025(OSWAS-BMC-PERSF File no.-20/2025) ବର୍ଣ୍ଣିତ ଟିପ୍ପଣୀ ପୃଷ୍ଠା- 12 ରୁ 18 ମଧ୍ୟରେ ତଥ୍ୟ ଅନୁସାରେ ଡ଼. ରଞ୍ଜିତା ମହାନ୍ତି ଚୁକ୍ତିଭିତ୍ତିକ ଦନ୍ତ ଚିକିତ୍ସକ ଭାବରେ ଭୁବନେଶ୍ୱର ମହାନଗର ନିଗମ ଚିକିତ୍ସାଳୟରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଚୁକ୍ତି ସମୟ ତା 16.06.2026 ରିଖରେ ସମାପ୍ତ ହୋଇଯାଇଛି । କାର୍ଯ୍ୟର ଆବଶ୍ୟକତାକୁ ଭିତ୍ତି କରି ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କର କାର୍ଯ୍ୟକାଳ ନବୀକରଣ କରିବା ନିମନ୍ତେ ସୁପାରିଶ କରିଛନ୍ତି। ତାଙ୍କର ଚୁକ୍ତି ନବୀକରଣ ତା18.06.2026 ରିଖରୁ ତା 17.06.2027 ରିଖ ପର୍ଯ୍ୟନ୍ତ ପ୍ରଚଳିତ ଚୁକ୍ତି ଭିତ୍ତିକ ଦରମା ହାରରେ ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଚାର :-**

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ କର୍ପୋରେସନଙ୍କ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୩.୦୮.୨୦୨୬ ରିଖ

ସମୟ-ଅପରାହ୍ନ ଘ.୦୪.୩୦ ମିନିଟ୍
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା :-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍‌ସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର
ଚେୟାରମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୬. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୧୩.୦୮.୨୦୨୬ ରିଖ ଅପରାହ୍ନ ଘ.୦୪.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଟେଣ୍ଡର ସେଲ୍‌ଙ୍କ ତରଫରୁ ନିବିଦା ସଂଖ୍ୟା-୭୪/୨୦୨୫-୨୬ ତା ୨୫.୦୨.୨୦୨୬ ରିଖରେ ଉକ୍ତ କାର୍ଯ୍ୟ ଯଥା:- "Widening & repair of road from Sum Ultimate Hospital to Ghatikia Chhak in Ward No.-23" ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ ମଣିମାଳା ମଲ୍ଲିକ୍ ଙ୍କୁ ଚୟନ କରାଯାଇଥିଲା ଟ୧,୫୦,୧୧,୭୬୯/-ଯାହାକି ଅଟକଳ ମୂଲ୍ୟ ଠାରୁ (-)24.94% less of quoted value as selected L-1 Bidder ସରକାରଙ୍କ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପତ୍ରସଂଖ୍ୟା-07764600022025-173-I(VI), ତା ୦୩.୦୧.୨୦୨୬ ରିଖ ଅନୁଯାୟୀ ଠିକାଦାରଙ୍କର abnormally low bids ସମ୍ପର୍କରେ justification ମଗାଯାଇଥିବାରୁ ସମ୍ପୃକ୍ତ ଠିକାଦାର ତାଙ୍କର କାର୍ଯ୍ୟ କରିବାର ସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି ଯଥା:-ଅତୀତରେ ସେ ଏହିଭଳି ବି.ଏମ୍.ସି ରେ ବହୁତ କାର୍ଯ୍ୟ କରିଛନ୍ତି ତାଙ୍କର ବହୁତ ମ୍ୟାନ୍ ପାୱାର୍ ଅଛି ଏବଂ ଏହିଭଳି କାର୍ଯ୍ୟ କରିବା ପାଇଁ machinery ମହଜୁତ ଅଛି ଏବଂ ସେ କାର୍ଯ୍ୟଟିକୁ ଚୁକ୍ତି ମୁତାମକ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ନିଜେ ସହମତି ପ୍ରକାଶ କରିଛନ୍ତି । ଏହା ଉପରେ କମିଟିଙ୍କ ବିଚାର:- ନଥି ନଂ-XXIX-PW-Div.-II-204/25 ଟିପ୍ପଣୀ ପୃଷ୍ଠା-୨୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ଉକ୍ତ ଠିକାଦାର ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସଠିକ୍ ଭାବରେ ସମ୍ପୂର୍ଣ୍ଣ ନକଲେ ତାଙ୍କର EOT ଅନୁମୋଦନ କରାଯିବ ନାହିଁ ଏବଂ ତାଙ୍କର ନିବିଦା ରଦ୍ଦ କରାଯାଇ ତାଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ନିବିଦାରୁ ଭାଗ ନେବାପାଇଁ ଏକ ବର୍ଷ ବଂଚିତ (Debar from BMC tender for one year) କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଠିକାଦାରମାନେ ୨୦% କମ୍‌ରେ ନେଉଥିବା କାର୍ଯ୍ୟ ଗୁଡ଼ିକ works standing committee ମଧ ଚେକ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

୨୦୨୩-୨୪ ଆର୍ଥିକ ବର୍ଷରୁ ଯେଉଁ ଠିକାଦାର ସର୍ବାଧିକ EOT ପକାଇଛନ୍ତି ପ୍ରତ୍ୟେକ ଜୋନ୍‌ର ୧୦ ଜଣ ଲେଖାଏଁ ଠିକାଦାରଙ୍କ ତାଲିକା ଦେବାପାଇଁ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧, ଖଣ୍ଡ-୨, ଖଣ୍ଡ-୩ ଓ (ଡ୍ରେନେଜ୍)ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼୍ ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଗ୍ଚର:-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ଏଗ୍ରିମେଂଟ ମୂଲ୍ୟ | ରିଭାଇଜଡ଼୍ ଅଟକଳ |
|---|---|---|---|---|
| 1. | Constn. of pavered road and drain in Ward No.-05, BMC<br>File No.-XXIX-Div.-I-1487/2023 | Rs.3,73,26,735/- | Rs.3,88,94,458/- | Rs.3,88,76,560/-<br>0.046% less |

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୨ଙ୍କ ତରଫରୁ ନିବିଦା ସଂଖ୍ୟା-୭୭/୨୦୨୫-୨୬ ତା ୨୭.୦୨.୨୦୨୬ ରିଖରେ ଉକ୍ତ କାର୍ଯ୍ୟ ଯଥା:- Redevelopment of Ruchika Market in Ward No.-24 ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧରେ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ସନ୍ଦିପ୍ କୁମାର ପାଢୀଙ୍କୁ ଚୟନ କରାଯାଇଥିଲା ଟ୨,୫୭,୮୭,୮୩୩/- ଯାହାକି ଅଟକଳ ମୂଲ୍ୟ ଠାରୁ (-)21.02% less of quoted value as selected L-1 Bidder ସରକାରଙ୍କ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପତ୍ରସଂଖ୍ୟା-07764600022025-173-I (VI), ତା ୦୩.୦୧.୨୦୨୬ ରିଖ ଅନୁଯାୟୀ ଠିକାଦାରଙ୍କର abnormally low bids ସମ୍ପର୍କରେ justification ମଗାଯାଇଥିବାରୁ ସମ୍ପୃକ୍ତ ଠିକାଦାର ତାଙ୍କର କାର୍ଯ୍ୟ କରିବାର ସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି ଯଥା:-ଅତୀତରେ ସେ ଏହିଭଳି ବି.ଏମ୍.ସି ରେ ବହୁତ କାର୍ଯ୍ୟ କରିଛନ୍ତି ତାଙ୍କର ବହୁତ ମ୍ୟାନ୍ ପାୱାର୍ ଅଛି ଏବଂ ଏହିଭଳି କାର୍ଯ୍ୟ କରିବା ପାଇଁ machinery ମହଜୁତ ଅଛି ଏବଂ ନିଜେ ସହମତି ପ୍ରକାଶ କରିଛନ୍ତି ଯେ କାର୍ଯ୍ୟଟିକୁ ଚୁକ୍ତି ମୁତାବକ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ତା ୨୪.୦୬.୨୦୨୬ ରିଖରେ ପ୍ରକାଶ କରିଛନ୍ତି । ଏହା ଉପରେ କମିଟିଙ୍କ ବିଗ୍ଚର:- ନଥି ନଂ-XXIX-PW-Div.-II-57/26 ଟିପ୍ପଣୀ-୧୭ ରୁ ୩୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୩. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରକାଶ ଥାଉକି, ଉକ୍ତ ଠିକାଦାର ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସଠିକ୍ ଭାବରେ ସମ୍ପୂର୍ଣ୍ଣ ନକଲେ ତାଙ୍କର EOT ଅନୁମୋଦନ କରାଯିବ ନାହିଁ ଏବଂ ତାଙ୍କର ନିବିଦା ରଦ୍ଦ କରାଯାଇ ତାଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ନିବିଦାରୁ ଭାଗ ନେବାପାଇଁ ଏକ ବର୍ଷ ବଂଚିତ (Debar from BMC tender for one year) କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୪. ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନମୂଳକ (KTPR) କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୨ଙ୍କ ତରଫରୁ ନିବିଦା ସଂଖ୍ୟା-୨୮/୨୦୨୩-୨୪ ତା ୦୭.୦୨.୨୦୨୪ ରିଖରେ ଉକ୍ତ କାର୍ଯ୍ୟ ଯଥା:- "Construction of pavered road and drain in Ward No.-65" ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧରୁ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ପିତେଶ୍ କୁମାର ଜେନାଙ୍କୁ ଚୟନ କରାଯାଇଥିଲା । ସର୍ବନିମ୍ନ ଦର ଟ୨,୯୯,୯୭,୪୧୭/-ଙ୍କା ଯାହାକି ଅଟକଳ ମୂଲ୍ୟ ଟ ୨,୯୧,୨୯,୩୬୨/-ଙ୍କା ଠାରୁ ୨.୯୮% ଅଧିକରେ EIDP ଫଣ୍ଡରୁ କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:- ନଥି ନଂ-XXIX-PW-Div.-II-63/24 ଟିପ୍ପଣୀ ସଂଖ୍ୟା-୧ ରୁ ୩୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୪. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୪୦ ଗୋଟି ୱାର୍ଡ଼ ଅଫିସ୍ ଗୁଡ଼ିକ ପାଇଁ ୱାଟର୍ ଫିଲ୍ଟର୍ କ୍ରୟ କରିବା ନିମନ୍ତେ ଏକ ଟେଣ୍ଡର ଜେମ୍ ପୋର୍ଟାଲ୍ ନମ୍ବର-GEM/2026/B/7566/91 ମାଧମରେ ଆହ୍ୱାନ କରାଯାଇଥିଲା । ଏଥିରେ ୪ ଜଣ ଭାଗ ନେଇଥିଲେ । ସେଥି ମଧରୁ ଏହି ପ୍ରକ୍ରିୟାରେ NAV PRODUCTS ଏଜେନ୍ସି ସର୍ବନିମ୍ନ ରାଶି ଟ ୨୧,୧୬,୦୦୦/-ଙ୍କା କୋଟ କରି L-1 ବିଡ଼ର୍ ରୂପେ ବିବେଚିତ ହୋଇଅଛି । ତାଙ୍କର ନିବିଦା ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:- ନଥି ନଂ- XXXIV-GS-9/2024 ଟିପ୍ପଣୀ-୧ ରୁ ୧୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, (ଟେଣ୍ଡର)ଙ୍କ ନିବିଦା ସଂଖ୍ୟା-୨୪/୨୦୨୬-୨୭ ତା ୨୧.୦୫.୨୦୨୬ ରିଖରେ ଉକ୍ତ କାର୍ଯ୍ୟ ଯଥା :- "Development of Parking place at Aiginia Aloo Gadi, Sreekhetra Vihar in Ward No.-49" ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ନିମ୍ନବର୍ଣ୍ଣିତ ନିବିଦା ପ୍ରସ୍ତୁତ ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ Sri Debashis Tarenia ଙ୍କୁ ଚୟନ କରାଯାଇଥିଲା ଯାହାକି (-)30.33% less of quoted value as selected L-1 Bidder.

